# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 13 April – 2024

## ଭିନ୍ନକ୍ଷମ ମତଦାତା

ଆଗାମୀ ଲୋକସଭା ନିର୍ବାଚନରେ ପ୍ରଥମଥର ପାଇଁ ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବୟସ୍କ ଓ ଭିନ୍ନକ୍ଷମଙ୍କ ପାଇଁ ଘରେ ରହି ଭୋଟ୍‌ଦେବାର ବ୍ୟବସ୍ଥା କରାଯାଇଛି । ୮୫ ବର୍ଷରୁ ଅଧିକ ଏବଂ ୪୦ ପ୍ରତିଶତ ଭିନ୍ନକ୍ଷମ ଭୋଟରମାନେ ଏହି ବିକଳ୍ପ ଗୃହ ମତଦାନ ସୁବିଧା ପାଇପାରିବେ । ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ଏହି ବର୍ଗର ଭୋଟରମାନେ ମତଦାନ ଆରମ୍ଭ କରିସାରିଛନ୍ତି । ଦେଶରେ ୮୫ବର୍ଷରୁ ଊର୍ଦ୍ଧ୍ୱ ୮୧ଲକ୍ଷ ଭୋଟର ଏବଂ ୯୦ଲକ୍ଷରୁ ଅଧିକ ଭିନ୍ନକ୍ଷମ ଭୋଟର ଅଛନ୍ତି । ନିର୍ବାଚନ କମିଶନର ଏହି ଦୁଇବର୍ଗର ୧ କୋଟି ୭୦ ଲକ୍ଷ ଭୋଟରଙ୍କର ସୁବିଧା ଲାଗି ନେଇଥିବା ପଦକ୍ଷେପ ଗଣତନ୍ତ୍ରକୁ ଅଧିକ ସୁଦୃଢ଼ କରିବ ବୋଲି ମତଦାତାମାନେ କହିଛନ୍ତି ।

## ପୋଲିସ୍ ଅଧିକାରୀଙ୍କ ବୈଠକ

ରାଜ୍ୟରେ ଆସନ୍ତା ମଇ ଏବଂ ଜୁନ୍ ମାସରେ ୪ଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ । ନିର୍ବାଚନକୁ ଶାନ୍ତିଶୃଙ୍ଖଳା ଏବଂ ଅପରାଧମୁକ୍ତ କରିବା ପାଇଁ ଗତକାଲି ପଶ୍ଚିମବଙ୍ଗ ଏବଂ ଓଡ଼ିଶା ବରିଷ୍ଠ ପୋଲିସ୍ ଅଧିକାରୀଙ୍କର ଏକ ଆନ୍ତଃରାଜ୍ୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଡକ୍ଟର ଅରୁଣ କୁମାର ଷଡ଼ଙ୍ଗୀ ଏବଂ

ପଶ୍ଚିମବଙ୍ଗ ପୋଲିସ୍ ମହାନିର୍ଦ୍ଦେଶକ ସଂଜୟ ମୁଖୋପାଧ୍ୟାୟଙ୍କ ସହିତ ଦୁଇରାଜ୍ୟର ବରିଷ୍ଠ ପୋଲିସ୍ ଅଧିକାରୀ ଏବଂ ସୀମାନ୍ତ ଜିଲ୍ଲା ଗୁଡ଼ିକର ଆରକ୍ଷୀ ଅଧିକ୍ଷକମାନେ ବୈଠକରେ ଉପସ୍ଥିତ ଥିଲେ । ପଶ୍ଚିମବଙ୍ଗ ସୀମାକୁ ଲାଗି ରାଜ୍ୟର ଦୁଇ ଜିଲ୍ଲା ବାଲେଶ୍ୱର  ଓ ମୟୂରଭଞ୍ଜରେ ଶାନ୍ତିପୂର୍ଣ୍ଣ, ଅବାଧ ଏବଂ ଅପରାଧମୁକ୍ତ ନିର୍ବାଚନ ପରିଚାଳନା କରିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା । ବିଶେଷକରି ନିଶାଦ୍ରବ୍ୟ ଚାଲାଣ ଉପରେ ରୋକ୍ ଲଗାଇବା ଉପରେ ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ଶ୍ରୀ ଷଡ଼ଙ୍ଗୀ ଗୁରୁତ୍ୱ ଦେଇଥିଲେ । ସୀମାନ୍ତ ଜିଲ୍ଲାଗୁଡ଼ିକର ତନଖୀ ପାଟକରେ କଡ଼ାକଡ଼ି ଯାଞ୍ଚ, ଅବକାରୀ ଧରପଗଡ଼, ବେଆଇନ ମାରଣାସ୍ତ୍ର କାରବାର, ଟଙ୍କା କାରବାର ଉପରେ ସ୍ୱତନ୍ତ୍ର ନଜର ରଖିବା ପାଇଁ ବୈଠକରେ ବିଶଦ୍ ଭାବରେ ଆଲୋଚନା ହୋଇଥିଲା ।

---

## ପାଠ୍ୟକ୍ରମ

ଚଳିତ ଶିକ୍ଷାବର୍ଷରେ ନବମ ଓ ଦଶମ ଶ୍ରେଣୀ ପାଠ୍ୟକ୍ରମରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ବୋଲି କଟକସ୍ଥିତ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ କୁହାଯାଇଛି । ପ୍ରତି ୩ ମାସ ଅନ୍ତରରେ ବିଦ୍ୟାଳୟରେ ୪ଟି ଫର୍ମେଟିଭ୍ ଆସେସ୍‌ମେଣ୍ଟ କରାଯିବ ।     ପୂର୍ବବର୍ଷ ଭଳି ବିଦ୍ୟାଳୟ କର୍ତ୍ତୃପକ୍ଷ ନବମ ଏବଂ ଦଶମ  ଶ୍ରେଣୀ ଷାଣ୍ମାସିକ ପରୀକ୍ଷା କରାଇବେ । ଶିକ୍ଷାଦାନର ଧାର୍ଯ୍ୟ ସମୟସୀମା ବୋର୍ଡ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେଉଛି ।

ଦଶମ ଶ୍ରେଣୀର ପରୀକ୍ଷାର୍ଥୀମାନେ ଗତ ଶିକ୍ଷାବର୍ଷ ପରି ଚଳିତବର୍ଷ ମଧ୍ୟ ୫୦ ନମ୍ବର ସବ୍‌ଜେକ୍ଟିଭ୍ ଏବଂ ୫୦ ନମ୍ବର ଅବ୍‌ଜେକ୍ଟିଭ୍ ପ୍ରଶ୍ନର ପରୀକ୍ଷା ଦେବେ ।

---

## ଆଇଏଏସ୍-ଅତିରିକ୍ତ ଦାୟିତ୍ୱ

ରାଜ୍ୟର ୩ଜଣ ଆଇ.ଏ.ଏସ୍. ଅଧିକାରୀଙ୍କୁ ବର୍ତ୍ତମାନର ଦାୟିତ୍ୱ ସହ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ରାଜ୍ୟ ସାଧାରଣ ପ୍ରଶାସନ ବିଭାଗର ସୂଚନା ଅନୁସାରେ ଭିନୀତ୍ ଭରଦ୍ୱାଜଙ୍କୁ ଓଡ଼ିଶା ଜୀବିକା ମିଶନର ନିର୍ଦ୍ଦେଶକ, ବିଜୟ ଅମୃତ କୁଲାଙ୍ଗେଙ୍କୁ ଶ୍ରମ କମିଶନର ଏବଂ ପରୁଲ ପଟୱାରୀଙ୍କୁ ମୋ ସ୍କୁଲ୍ ର ସଦସ୍ୟ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି ।

---

## ରାଜଧାନୀ ପ୍ରତିଷ୍ଠା ଦିବସ

ରାଜ୍ୟ ରାଜଧାନୀ ଭୁବନେଶ୍ୱର ଆଜି ତା'ର ୭୬ତମ ପ୍ରତିଷ୍ଠା ଦିବସ ପାଳନ କରୁଛି । ସୂଚନା ଓ ଲୋକସଂପର୍କ ବିଭାଗର ସୂଚନା ଅନୁସାରେ ଭୁବନେଶ୍ୱର ଜୟଦେବ ଭବନଠାରେ ଆୟୋଜନ ହେବାକୁ ଥିବା ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଶାସନ ସଚିବ ପ୍ରଦୀପ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେବେ । ଏହି ଅବସରରେ ରାଜଧାନୀର ବିଷୟବସ୍ତୁକୁ ନେଇ ଏକ ଫଟୋଚିତ୍ର ପ୍ରଦର୍ଶନୀର ଆୟୋଜନ କରାଯାଇଛି । ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ

ଲୋକସଂପର୍କ ବିଭାଗ ପକ୍ଷରୁ ସନ୍ଧ୍ୟାରେ ସାଂସ୍କୃତି କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ରାଜଧାନୀ ପ୍ରତିଷ୍ଠା କମିଟିର ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ସୂଚନା ଦେଇଛନ୍ତି ।

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀଙ୍କୁ ରାଜ୍ୟପାଳ ରଘୁବର ଦାସ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଆଧୁନିକ ଓଡ଼ିଶାର ରାଜଧାନୀ ପ୍ରତିଷ୍ଠା ହେବା ପରେ ଓଡ଼ିଶାର ପରମ୍ପରା ଓ ଐତିହ୍ୟ ଆହୁରି ପରିପୁଷ୍ଟ ହୋଇଛି ବୋଲି ରାଜ୍ୟପାଳ ତାଙ୍କ ବାର୍ତ୍ତାରେ କହିଛନ୍ତି ।

# ଜିଲ୍ଲାପାଳ-ସମୀକ୍ଷା

ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଗତକାଲି କୁଚିଣ୍ଡା ଓ ବାମରା ଇଭିଏମ୍ ଷ୍ଟ୍ରଙ୍ଗରୁମ୍ ଏବଂ ମତଦାନ କେନ୍ଦ୍ର ଗୁଡ଼ିକର ସମୀକ୍ଷା କରିଛନ୍ତି । ମତଦାନ କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରିବା ସହିତ ସେଠାରେ ପ୍ରାଥମିକ ଚିକିତ୍ସା ସୁବିଧା, ପାନୀୟ ଜଳ, ଓଆରଏସ୍ ମହଜୁଦ ରଖିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଚଡ଼କ ମେଳା

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଚନ୍ଦନେଶ୍ୱର ଚଡ଼କ ମେଳା ଗତକାଲି ପାଟପର୍ବ ପାଳନ ପୂର୍ବକ ଶେଷ ହୋଇଛି । ମେଳାରେ ପ୍ରାୟ ୫ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ସ୍ଥାନୀୟ ଅଞ୍ଚଳର ଲୋକମାନେ କହିଛନ୍ତି । ପ୍ରଭୁ ଚନ୍ଦନେଶ୍ୱର ଓ ମା' ପାର୍ବତୀଙ୍କର ସ୍ୱରୂପ ଘଟ ମନ୍ଦିରରେ ପୂଜା ଏବଂ ଶେଷ ଅର୍ଘ୍ୟ ଅର୍ପଣ କରାଯାଇଥିଲା ।

# ପାଣିପାଗ

ରାଜ୍ୟକୁ ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବେଶ କରିବାର ସମ୍ଭାବନା ଥିବାରୁ ଆଜିଠାରୁ ତାପମାତ୍ରା ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆସନ୍ତାକାଲି ତାପମାତ୍ରା ଅଧିକ ବୃଦ୍ଧି ପାଇବ ଏବଂ ଆଗାମୀ ଦିନ ଗୁଡ଼ିକରେ ୬ରୁ ୮ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ କହିଛି । ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଆର୍ଦ୍ରତା ଅଧିକ ଯୋଗୁଁ ଗୁଳୁଗୁଳିର ମାତ୍ରା ଅଧିକ ରହିବ ।